
+୨ ବିଜ୍ଞାନ ଫଳାଫଳ ରେ ଐତିହାସିକ ସଫଳତା....
PRINCE COLLEGE
PRINCE GROUP OF INSTITUTIONS
The No. 1 Residential College for - +2 SCIENCE +2 ARTS
GRAND SUCCESS !! OUR 2023 +2 SCIENCE RESULT GRAND SUCCESS !!
568
RUDRA NARAYAN BHOI
MAYURBHANJ TOPPER
NORTH ODISHA 2ND TOPPER
AMONG THE TOP 5 POSITION IN ODISHA
PABITRAMANI 540 SUBHASHREE 538 BIKASH 536 HARAPRIYA 534 SHIBANI 531 RAJIB 530 SUKHMAY 530 BASUDEV 528 HITESH 526 MADHUSMITA 523
BISHWANATH 522 AMITOSH 522 BHAGYA 521 ANANDA 521 JASMIN 514 LIPSITA 514 HARAPRIYA 512 PRITISH 511 SUBHANKAR 509 MONALISA 507
SUBHALAXMI 506 PREETI 506 TILOTTAMA 505 SUBHASHREE 503 USHASHREE 503 NAYAN 503 PALLABI 502 APARAJITA 500 PRATIKSHYA 500 SNEHASISH 500
248 1st Class
100% Result
568 Highest Mark
BISWAJIT 499 SATYASHIBA 496 JAGANNATH 496 RENIMA 496 LAXMAN 493 RIYA 490 JYOTI 489 ARCHANA 489 TANUSHREE 488 SANGRAM 487 SARDHANJALI 486 TUSHAR 484 NISHANT 484 SUNITA 484 SUBHASMITA 483 PURNIMA 481 SHREEKRISHNA 481 JAYDEB 480 PRAVAT 479
NITESH 478 PUSPALATA 476 GIRIJA 472 DEBASMITA 472 BISWAJIT 471 MALAY 471 YAMUNA 471 PRATIVA 469 AYUSMITA 468 SHRUTIREKHA 468 BIKASH 466 AMBIKA 465 RUPALI 465 BARSARANI 463 KABYANJALI 461 NAGRAJ 459 BISWAJIT 459 JYOTISIKHA 458 ADITYA 458
RAJLAXMI 458 ASHUTOSH 457 TANISHA 456 MOUSUMI 455 AMARJIT 455 BISWARANJAN 455 SUPRIYA 454 PRIYANKA 454 JYOTIRANJAN 453 GITANJALI 452 JAYANTA 452 RAHUL 452 NITISH 451 CHANDAN 451 KALYANI 450 ROHIT 448 KRISHNA 448 BHARAT 447 KALPANA 446
RASHMI 444 SAYAM 444 ROJINA 443 KIRTU 443 ARCHANA 443 ASHIM 442 KHUSHI 440 PRATYUS 439 MADHAB 439 DEBASMITA 437 ANKITA 435 MAHESH 436 NIKITA 435 RAJIB 434 PHALGUANI 433 LAXMIPRIYA 432 LOPAMUDRA 432 MANOJ 431 SATYAM 430
SANJOG 430 MONALISA 429 SULEKHA 429 BEAUTY 426 SULEKHA 426 BISHNUPRIYA 423 MEGHNATH 423 ANKITA 423 SUSMITA 422 ABHISHEK 421 JEEVAN 421 JUGAL 420 GANGULI 419 SANTOSH 419 RAKESH 419 DEBASMITA 419 MANOSMITA 419 ARCHANA 418 SWAGATIKA 417
GOPAL 416 SUSHAMA 416 LAXMAN 416 LIPSITA 415 SHIBASUNDAR 415 RASMITA 415 AMIT 415 PREETI 415 RAJDEEP 415 TANUSHREE 414 JYOTI 414 NABANITA 414 BISWAJIT 414 PRAGYAN 413 JYOTSNA 412 KRISHNA 411 DEBABRATA 411 PRIYANKA 410 UTTAM 409
SHASIKANTA 408 KUNAL 408 BARSHARANI 408 LUKUY 408 MAHESH 407 SASMITA 407 SAIKRISHNA 406 ANKITA 406 SIDDHARTHA 406 RAKESH 405 KULDEEP 404 AYUSHI 404 FAGU 404 SUMIT 404 BIBHU 403 MANINAGESWARI 403 SADHANA 402 SUBECHHA 402 DIPIKA 401
SAMEER 400 BISWARUPA 400 PRAGYAN 492 ANKITA 486 SNEHASISH 475 MADHUSMITA 458 SAMIKSHYA 456 ANKITA 456 SOUMYA 456 DIBYASA 449 SIDLAL 416 PRIYANSHU 447
And Many More...
Admission Open for +2 SCIENCE & ARTS
ACHIEVERS BATCH FOR MEDICAL & IIT-JEE
Our Last Year +2 Science Result
RAMESH 96% SOURAV 92% LIPIKA 92% GAGAN 91.5% SANDHYA 91%
AMRUTMAY 91% SOUMYASHREE 91% PRIYATA 90% MANAS 90% GOVINDA 90%
Our Achievers in Entrance Exam
VISTRUTI MEDICAL SHIBASAKTI MEDICAL JASOBANTA MEDICAL RADHKA MEDICAL BABITA IIT SUNITA NISER
LOPAMUDRA OUAT ANUBHAB OUAT J. SARDAR OUAT BIKASH OUAT JYOTIPRAVA OUAT ANKITA VIT A. PANIGRAHI NIT
BARIPADA
City Office: Debendrapur, Campus: Ramnagar
8895102045, 9937701648, 7750853980
www.princecollege.in
BALASORE
Central School Square, Bhoisahi
8763403768, 9337687655, 9937701648

## ଯୁବକଙ୍କ ଆତ୍ମହତ୍ୟା

ଗୋପାଳପୁର,(ଡି.ଏନ.ଏ.)-ଗୋପାଳପୁର ଥାନା ଅନ୍ତର୍ଗତ ସିନ୍ଧିଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକ ମୂଷାମରା ଔଷଧ ଖାଇ ଆତ୍ମହତ୍ୟା କରିଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ସେ ହେଲେ ଆର. କ୍ରିଷ୍ଣା ରେଡି (୨୩)। ଏହି ଥାନା ଅଧୀନ ସିନ୍ଧିଗାଁର ଆର. କ୍ରିଷ୍ଣା ରେଡି କୋଣସି କଥା ନେଇ ବିଭିନ୍ନ ସମୟ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ମଙ୍ଗଳବାର ରାତିରେ କ୍ରିଷ୍ଣା ମୂଷାମରା ଔଷଧ ଖାଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ବୁଧବାର ଭୋରରେ ଚିକିତ୍ସାଧୀନ ଅବସ୍ଥାରେ କ୍ରିଷ୍ଣା ବଡ଼ ମେଡିକାଲରେ ମୃତ୍ୟୁବରଣ କରିଥିଲେ। ଏ ନେଇ ଗୋପାଳପୁର ଥାନା ପୋଲିସ ଖବର ପାଇ ବଡ଼ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ପୋଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ନେଇ ନଂ. ୯/୨୩ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଯୁକ୍ତ ୨ ବିଜ୍ଞାନରେ କେ.ମନସ୍ୱିନୀ ବ୍ଲକ ଟପ୍ପର

ବୁଗୁଡ଼ା,୩୧।୫(ଡି.ଏନ.ଏ.)- ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ମାଣିତରା କଲେଜର ଛାତ୍ରୀ କେ.ମନସ୍ୱିନୀ ପାତ୍ର ସର୍ବାଧିକ ୪୯୮ (୮୩%) ନମ୍ବର ରଖି ବୁଗୁଡ଼ା ବ୍ଲକ ଟପ୍ପର ହୋଇଛନ୍ତି। ବ୍ଲକ ଅନ୍ତର୍ଗତ ୩ଟି କଲେଜର ମୋଟ ୨୫୫ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୭ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବୁଗୁଡା କଲେଜର ୧୬୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୫ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୩୭, ଦ୍ୱିତୀୟ ଶ୍ରେଣୀରେ ୩୮ ଓ ତୃତୀୟ ଶ୍ରେଣୀରେ ୩୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଲିପଦର କଲେଜର ୪୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୬ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦, ଦ୍ୱିତୀୟ ଶ୍ରେଣୀରେ ୧୧ ଓ ତୃତୀୟ ଶ୍ରେଣୀରେ ୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟପକ୍ଷରେ ମାଣିତରା କଲେଜର ୪୪ ରୁ ୩୬ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୮, ଦ୍ୱିତୀୟ ଶ୍ରେଣୀରେ ୧୫ ଓ ତୃତୀୟ ଶ୍ରେଣୀରେ ୧୩ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳରେ ଚଳିତ ବର୍ଷ ବୁଗୁଡ଼ା ବ୍ଲକରେ ଯୁକ୍ତ ୨ ବିଜ୍ଞାନର ପାସ୍ ହାର ୬୫.୪୯% ରହିଛି।

### ୫୦୬ ମାର୍କ ରଖି ଅଲେଖ ମାଳି କଲେଜ ଟପ୍ପର

ଗଞ୍ଜାମ,୩୧।୫(ଡି.ଏନ.ଏ.)-ଗଞ୍ଜାମ କଲେଜ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଅଲେଖ ମାଳି ୬୦୦ ରୁ ୫୦୬ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ଏଥିସହ ଚଳିତ ବର୍ଷ ପରୀକ୍ଷାରେ ଏସ୍‌ଏମ୍ କୋଚିଂ ସେଣ୍ଟର ଚେନାଇ ରେଡି ୪୭୪, ସୁମନ ମଣ୍ଡଳ ୪୪୯, ଗୋପାଳ କୃଷ୍ଣ ପଣ୍ଡା ୪୧୬, ଆୟୁଷ୍ମାନ ସେଠୀ ୪୧୫, ସନ୍ଧ୍ୟାରାଣୀ ସାହୁ ୩୯୪, କାଜଲ ସ୍ୱାଇଁ ୩୯୪, ଟୁକୁନା ରେଡ଼ି ୩୮୭, ଲିଲି ବେହେରା ୩୮୦, ପୂଜା ମହାରଣା ୩୭୬, ଡିମ୍ପଲ ମାଝୀ ୩୬୭ ଏବଂ ଲିପ୍ସା ରେଡ଼ି ୩୬୦ ମାର୍କ ରଖି ୧୨ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ପାସ କରିଥିବା ଜଣାପଡିଛି।

### ଗଞ୍ଜେଇ ଜବତ, ୨ ଗିରଫ

ଆର.ଉଦୟଗିରି,୩୧।୫(ଡି.ଏନ.ଏ.): ଗଜପତି ଜିଲା ଅଡବା ପୋଲିସ ମଙ୍ଗଳବାର ଅଞ୍ଜଳି ଗ୍ରାମ ନିକଟରେ ପାଟ୍ରୋଲିଂ କଲାବେଳେ ୪୫ କେଜି ୨୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଅଲ୍ଲୀଗଡ଼ର ଟିଙ୍କୁ ଶର୍ମା ଏବଂ ମଧ୍ୟପ୍ରଦେଶ ଗୁନାର ସଞ୍ଜୟ ରୟ। ପୋଲିସର ପାଟ୍ରୋଲିଂ ବେଳେ ରାସ୍ତା କଡ଼ରେ ବ୍ୟକ୍ତି ଦୁଇଜଣ ଦୁଇଟି ବ୍ୟାଗରେ ଗଞ୍ଜେଇ ଧରି ଚାଲାଣ କରିବା ପାଇଁ ଅପେକ୍ଷା କରିଥିଲେ। ପୋଲିସ ଦୁଇ ଜଣକୁ ଗିରଫ କରିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

### ଜଙ୍ଗଲ ନିଆଁ ଲିଭାଇ ରାହୁଲ ପ୍ରଶଂସିତ

ଦାରିଙ୍ଗବାଡ଼ି, ୩୧।୫(ଡି.ଏନ.ଏ.)

କ.ନୂଆଗାଁ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ଥିବା ଜଙ୍ଗଲରେ ନିୟମିତ ନିଆଁ ଲାଗୁଛି। ମଙ୍ଗଳବାର ଉକ୍ତ ବନାଞ୍ଚଳର ସିର୍ଭିଗୁଡା ନିକଟ କନ୍ଦିବାନ୍ଧା ଜଙ୍ଗଲରେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇଥିଲେ। ସେହି ରାଜପଥ ଦେଇ ଦାରିଙ୍ଗବାଡିର ଯୁବକ ରାହୁଲ କୁମାର ସାହୁ ଆସୁଥିବା ବେଳେ ଜଙ୍ଗଲରେ ନିଆଁ ଲାଗିଥିବ ଦେଖି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚିଲା ପରେ ସେମାନଙ୍କ ସହାୟତରେ ରାହୁଲ ନିଆଁକୁ ଲିଭାଇଛନ୍ତି। ତାଙ୍କ ନିଆଁ ଲିଭାଇବା ବେଳର ଭିଡିଓ ଭାଇରାଲ ହେବା ପରେ ରାହୁଲଙ୍କୁ ସବୁଠି ପ୍ରଶଂସା କରାଯାଇଛି। ଜଙ୍ଗଲକୁ ସୁରକ୍ଷା ଦେବା କେବଳ ଜଙ୍ଗଲ ଓ ପରିବେଶ ବିଭାଗର ନୁହଁ ଏହା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ରାହୁଲ କହିଛନ୍ତି।

# ଗଞ୍ଜାମ: ବିଜ୍ଞାନରେ ୮୨.୦୮%, ବାଣିଜ୍ୟରେ ୮୧.୭୧ % ପାସ୍

ବ୍ରହ୍ମପୁର ଅଫିସ, ୩୧।୫

**ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ**

- ଗଜପତିରେ ବିଜ୍ଞାନରେ ୬୧.୫୫, ବାଣିଜ୍ୟରେ ୭୫.୨୪ ପ୍ରତିଶତ ପାସ୍
- କନ୍ଧମାଳରେ ବିଜ୍ଞାନରେ ୫୦୦, ବାଣିଜ୍ୟରେ ୧୫୬ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସି) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ଦକ୍ଷିଣାଞ୍ଚଳ ଅଧୀନସ୍ଥ ୮ ଜିଲା ଯଥା ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳରେ ଉଭୟ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଆଶାତୀତ ସଫଳତା ହାସଲ କରିଥିବା ସୂଚନା ମିଳିଛି। ୮ ଜିଲାରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବା ୧୮, ୭୭୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪, ୩୪୩ ଜଣ ପାସ୍ କରିଛନ୍ତି। ପାସ୍ ହାର ୭୦.୯୫% ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ କୁଳମଣି ଓଝା ସୂଚନା ଦେଇଛନ୍ତି। ସେହିପରି ଯୁକ୍ତ ୨ ବାଣିଜ୍ୟରେ ୮ଟି ଜିଲାରେ ୪,୭୨୩ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୫୬୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାହାର ପାସ ହାର ୭୦.୭୩% ରହିଛି। ଗଞ୍ଜାମ ଜିଲାରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ମୋଟ ୯୬୦୧ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ୯୪୬୭ ଜଣ ପରୀକ୍ଷା ଦେଇଥିବା ବେଳେ ୭, ୭୭୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାରେ ବିଜ୍ଞାନରେ ପାସ ହାର ୮୨.୦୮% ରହିଛି। ସେମାନଙ୍କ ମଧ୍ୟରୁ ୩୮୬୪ ଜଣ ପ୍ରଥମ, ୨୪୭୩ ଜଣ ଦ୍ୱିତୀୟ, ୧୪୦୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୩ ଜଣ କମ୍ପାଟମେଣ୍ଟରେ ପାସ କରିଛନ୍ତି। ୧୦ ଜଣ ପରୀକ୍ଷାର୍ଥୀ କପି ଅଭିଯୋଗରେ ଅଭିଯୁକ୍ତ ହୋଇଛନ୍ତି। ସେହିପରି ଜିଲାରେ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ୨୨୨୦ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ୨୧୯୩ ଜଣ ପରୀକ୍ଷା ଦେଇଥିବା ବେଳେ ୧୭୯୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ ହାର ୮୧.୭୧ % ରହିଛି। ୮୬୮ ଜଣ ପ୍ରଥମ, ୩୭୦ ଜଣ ଦ୍ୱିତୀୟ, ୫୪୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭ ଜଣ କମ୍ପାର୍ଟମେଣ୍ଟରେ ପାସ କରିଛନ୍ତି। ଜଣେ କପି ଅଭିଯୋଗରେ ଅଭିଯୁକ୍ତ ହୋଇଛନ୍ତି। ଗଜପତି ଜିଲାରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେବା ଲାଗି ୯୮୨ ଉତ୍ରୋଛାତ୍ର ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ୯୬୫ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୫୯୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ ହାର ୬୧.୫୫% ରହିଛି। ୬୮ ଜଣ ପ୍ରଥମ, ୨୦୪ ଜଣ ଦ୍ୱିତୀୟ ଓ ୩୧୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨ ଜଣ କମ୍ପାଟମେଣ୍ଟରେ ପାସ କରିଛନ୍ତି। ଜଣେ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିଲେ। ଅନ୍ୟପକ୍ଷରେ ଜିଲାରେ ମୋଟ ୧୦୪ ଜଣ ପରୀକ୍ଷାର୍ଥୀ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଲାଗି ଫର୍ମ ପୂରଣ କରିଥିବା ବେଳେ ୧୦୧ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାହାର ପାସ ହାର ୭୫.୨୪% । ସେଥିମଧ୍ୟରୁ ୧୧ ଜଣ ପ୍ରଥମ, ୧୭ ଜଣ ଦ୍ୱିତୀୟ, ୪୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

କନ୍ଧମାଳ ଜିଲାରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେବା ଲାଗି ୮୧୦ ଜଣ ଫର୍ମ ପୂରଣ କରିଥିଲେ। ହେଲେ ୭୮୫ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୫୦୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାରେ ବିଜ୍ଞାନ ପାସ ହାର ୬୩.୬୯% ରହିଛି। ଏମାନଙ୍କ ମଧ୍ୟରୁ ୮୫ ଜଣ ପ୍ରଥମ, ୧୮୦ ଜଣ ଦ୍ୱିତୀୟ ଓ ୨୨୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ୧୧ ଜଣ କମ୍ପାଟମେଣ୍ଟରେ ପାସ କରିଥିବା ବେଳେ ୪ ଜଣ ପରୀକ୍ଷାର୍ଥୀ କପି ଅଭିଯୁକ୍ତ ହୋଇଛନ୍ତି। ସେହିପରି କନ୍ଧମାଳରେ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଦେବାକୁ ମୋଟ ୨୦୯ ଜଣ ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ୨୦୩ ଜଣ ପରୀକ୍ଷା ଦେଇଥିବା ବେଳେ ୧୫୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯାହାର ପାସ ହାର ୭୬.୮୪% ରହିଛି। ୩୨ ଜଣ ପ୍ରଥମ, ୫୨ ଜଣ ଦ୍ୱିତୀୟ ଓ ୭୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ଜଣେ ପରୀକ୍ଷାର୍ଥୀ କପି କରି ଧରା ପଡ଼ିଥିଲେ ବୋଲି ସୂଚନା ମିଳିଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଚିକିଟି,୩୧।୫(ଡି.ଏନ.ଏ.)

କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅନ୍ତର୍ଗତ ସୁନ୍ଦରଡ଼ା ଗ୍ରାମ ନିକଟରେ ମଙ୍ଗଳବାର ବାଇକ୍ ସହ ବସ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତର ସୁନ୍ଦରଡ଼ା ଗ୍ରାମର ନିରଞ୍ଜନ ପାଢ଼ୀ (୪୫)। ନିରଞ୍ଜନ ବାଇକ (ନଂ ଓଆର୦୭ପି୮୫୨୨) ଯୋଗେ ନିଜ ଗ୍ରାମ ଚାନ୍ଦପୁର ଯାଉଥିବାବେଳେ ବିପରୀତ ଦିଗରୁ ଏକ ଘରୋଇବସ୍ (ନଂ ଓଆର୦୧ଜେ୭୫୬୭) ଭାୟା ଚାନ୍ଦପୁର ଦେଇ ଗୌଡ଼ଗାଁ ଅଭିମୁଖେ ଯାଉଥିବା ବେଳେ ସୁନ୍ଦରଡ଼ା ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ନୂଆପଡ଼ା ଫାଣ୍ଡି ଏସ୍‌ଆଇ ଶିଶିରକାନ୍ତ ସାହାଣୀ ପାଟ୍ରୋଲିଂ କରୁଥିବା ସମୟରେ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ସହିତ ଗୁରୁତର ଆହତ ଅବସ୍ଥାରେ ପଡ଼ିଥିବା ନିରଞ୍ଜନଙ୍କୁ ବମକେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡମେଡିକାଲକୁ ନିଆଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା।

# ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ ଶ୍ରମିକ ୟୁନିୟନ ନିର୍ବାଚନ ଫଳାଫଳ ଘୋଷଣା

ଛତ୍ରପୁର,୩୧।୫(ଡି.ଏନ.ଏ)




ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ ଶ୍ରମିକ ୟୁନିୟନ ନବନିର୍ବାଚିତ କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

ଛତ୍ରପୁର ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା ନିର୍ବାଚନ ଠାରୁ ଆରମ୍ଭ କରି ପ୍ରାଥମିକ ସମବାୟ ସମିତି ନିର୍ଦ୍ଦେଶକ ପଦବୀ ଛତ୍ରପୁର ବିଧାୟକଙ୍କ ବିରୋଧୀ ଗୋଷ୍ଠୀ ବାଜିମାତ୍ କରିଥିବା ବେଳେ ଏବେ ଗଞ୍ଜାମ ସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍ କେମିକାଲ ଶ୍ରମିକ ୟୁନିୟନ ନିର୍ବାଚନରେ ମଧ ବିଧାୟକ ବିରୋଧି ଗୋଷ୍ଠୀ ବିଜୟୀ ହୋଇଛନ୍ତି।

ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ କେମିକାଲ ଶ୍ରମିକ ୟୁନିୟନ କର୍ମକର୍ତ୍ତା ନିର୍ବାଚନ ପାଇଁ ଗତ ଡିସେମ୍ବର ୨୮ ତାରିଖରେ ଭୋଟ ଗ୍ରହଣ ହୋଇଥିଲା। ତେବେ ଜୟଶ୍ରୀ କେମିକାଲ ଏମ୍ପ୍ଲୋଇଜ୍ ୟୁନିୟନର ୧୫ ଜଣ ସଦସ୍ୟଙ୍କ ନାଁ କଟିଯିବାରୁ ଉକ୍ତ ୟୁନିୟନ ପକ୍ଷରୁ ହାଇକୋର୍ଟରେ ଏକ ପିଟିଶନ ଦାଖଲ ହୋଇଥିଲା । ପରେ ହାଇକୋର୍ଟ ଉକ୍ତ ପିଟିଶନର ଶୁଣାଣି କରି ଏହି ନିର୍ବାଚନ ଲାଗି ଭୋଟ ହେବ ଏବଂ ଗଣତି ସହ ଫଳାଫଳ ଘୋଷଣା ହୋଇପାରିବନି ବୋଲି ରାୟ ଦେଇଥିଲେ। ପରେ ନିର୍ବାଚନ ଫଳାଫଳ ଘୋଷଣା ପାଇଁ ହାଇକୋର୍ଟ ଚୂଡାନ୍ତ ରାୟ ଶୁଣାଇଥିଲେ । ଏହି ପରିପ୍ରେକ୍ଷୀରେ ବୁଧବାର ଛତ୍ରପୁରସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟଠାରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା ହୋଇଛି। ଜୟଶ୍ରୀ କେମିକାଲ୍ସ ୱାର୍କସ ୟୁନିୟନ ୫୨ ଭୋଟ ପାଇ ବିଜୟୀ ହୋଇଥିଲା। ଜୟଶ୍ରୀ କେମିକାଲ୍ସ ଏମ୍ପ୍ଲୋଇଜ୍ ୟୁନିୟନ ୧୩ଟି ଭୋଟ ଏବଂ ଜୟଶ୍ରୀ କେମିକାଲ୍ସ ଶ୍ରମିକ ସଂଘ ମାତ୍ର ୩ ଟି ଭୋଟ ପାଇଥିଲା। ଆଉ ଏକ ମଜଦୁର ୟୁନିୟନ ନିର୍ବାଚନରେ ଅଂଶ ଗ୍ରହଣ କରି ନଥିଲା । ୱାର୍କସ ୟୁନିୟନ ବିଜୟୀ ପରେ ନେତା ଓ ଶ୍ରମିକ

**ବିଧାୟକ ବିରୋଧୀ ଗୋଷ୍ଠୀଙ୍କ ବାଜିମାତ୍**

ମାନେ ଶୋଭାଯାତ୍ରାରେ ବାହାରି ଛତ୍ରପୁର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିଥିଲେ। ବିଧାୟକଙ୍କ ବିରୋଧରେ ନେତା ଓ ଶ୍ରମିକ ମାନେ ବର୍ଷିବା ସହ ଶ୍ରମିକ ମାନଙ୍କ ସହ ବିଧାୟକ ନଥିବା ଅଭିଯୋଗ କରାଯାଇଥିଲା । ଏଥିରେ ୟୁନିୟନର ସଭାପତି ଦାନିଏଲ ଦାସ, କାର୍ଯ୍ୟକାରୀ ସଭାପତି ଶଙ୍କର ଦାଶ, ସମ୍ପାଦକ ଜି.ସନ୍ତୋଷ ରେଡ୍ଡୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ଉପନଗରପାଳ ଲକ୍ଷ୍ମୀ ପାଢୀ, ବିନୋଦ ପାଢୀ, ତ୍ରିଲୋଚନ ବେହେରା, ମନୋଜ ରେଡ୍ଡୀ, ଜ୍ୟୋତି ରଂଜନ ସାହୁ, ସଂଜିବ ରେଡ୍ଡୀ, ପୂର୍ବତନ ସରପଞ୍ଚ ଏସ୍.କିଶୋର ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଅଶୋକ ପାଣିଗ୍ରାହୀ, ଭାଗ୍ୟ ରେଡ୍ଡୀ ପ୍ରମୁଖ ସାମିଲ ଥିଲେ।

## ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାଫଳ

# ସ୍ୱପ୍ନାରାଣୀ, ସୁନିତା, ସୁନୟନା ଟପ୍ପର

ଆସିକା,୩୧।୫(ଡି.ଏନ.ଏ)

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ପ୍ରକାଶିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି । ବିଜ୍ଞାନରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ସ୍ୱପ୍ନାରାଣୀ ରାଉଳ ଏବଂ ବାଣିଜ୍ୟରେ ସୁନିତା ମହାରଣା ଟପ୍ପର ହୋଇଥିଲା ବେଳେ ନିରଞ୍ଜନ ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁନୟନା ନାୟକ ଟପ୍ପର ହୋଇଛନ୍ତି । ଆସିକା ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନରେ ସମୁଦାୟ ୧୩୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୪ଜଣ କୃତକାର୍ଯ୍ୟ ହୋଇଥିଲା ବେଳେ ବାଣିଜ୍ୟରେ ୪୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩ ପାସ୍ କରିଛନ୍ତି । ଏହି ମହାବିଦ୍ୟାଳୟରେ ପାସ ହାର ବିଜ୍ଞାନରେ ୪୯ ପ୍ରତିଶତ ରହିଥିଲା ବେଳେ ବାଣିଜ୍ୟରେ ୭୬ ପ୍ରତିଶତ ରହିଥିବା କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ କହିଛନ୍ତି। ସେହିଭଳି ମହିଳା ମହାବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନରେ ସମୁଦାୟ ୭୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୦ଜଣ କୃତକାର୍ଯ୍ୟ ହୋଇଥିଲା ବେଳେ ପାସ ହାର ୭୫ ପ୍ରତିଶତ ରହିଥିବା କଲେଜ ଅଧ୍ୟକ୍ଷ ଗଣେଶ୍ୱର ମାଝି ସୂଚନା ଦେଇଛନ୍ତି। ସେହିଭଳି କେନ୍ଦୁପଦରସ୍ଥିତ ଏନ.ବି.ସି. କଲେଜର ଯୁକ୍ତ ବିଜ୍ଞାନରେ ସମୁଦାୟ ୩୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ରନାଥ ସାବତ ସୂଚନା ଦେଇଛନ୍ତି ।

# ରଘୁନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ସୁରଙ୍ଗୀକୁ ହରାଇ ଚଢ଼େଇ ଗାଁ ବିଜୟୀ



ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

ପାତ୍ରପୁର,୩୧।୫(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଜରଡ଼ା ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ରଘୁନାଥ କ୍ରିକେଟ କ୍ଲବ ତରଫରୁ ବୁଧବାର ରଘୁନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜରଡ଼ା ଥାନା ଅଧିକାରୀ ସୁନୀଲ ବେହେରା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବିଜେଡି ନେତା ବାପୁଜୀ ବିଷୋୟୀ, ଯୁବ ବିଜେଡି ବ୍ଲକ ସଭାପତି ଧର୍ମା ରାଓ, ଜିଲା ଯୁବ ବିଜେଡି ସମ୍ପାଦକ ସୁଦର୍ଶନ ଦ୍ୟାନ ସାମନ୍ତରା, ଛାତ୍ର ବିଜେଡି ସଭାପତି ଶ୍ରୀକାନ୍ତ ଚୌଧୁରୀ, ଶିକ୍ଷକ ପ୍ରଦୀପ ପଣ୍ଡା, ସିଙ୍ଗରି ସୂର୍ଯ୍ୟ, ରବୀନ୍ଦ୍ର ସେଠୀ, ଭଗବାନ ପାତ୍ର, ବାବୁଲା ନାୟକ, ହୃଷୀକେଶ ପଣ୍ଡା, ସନ୍ତୋଷ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ସୁରଙ୍ଗୀ ଓ ଚଢ଼େଇ ଗାଁ ମଧ୍ୟରେ ମୁକାବିଲା ହୋଇଥିଲା। ଚଢ଼େଇ ଗାଁ ୧୦୨ ରନ କରିଥିବା ବେଳେ ସୁରଙ୍ଗି ଦଳ ୫୭ ରନରେ ସୀମିତ ରହିଯାଇଥିଲା। ତୀର୍ଥ ପ୍ରଧାନ ଓ ଲାବଣ୍ୟ ପ୍ରଥମ ମ୍ୟାଚ ପରିଚାଳନା କରିଥିବା ବେଳେ ବିଜୟ ସାହୁ ମ୍ୟାଚର ଧାରାବିବରଣୀ ଦେଇଥିଲେ। ରଞ୍ଜନ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ କ୍ରିକେଟ କ୍ଲବ ଆବାହକ ସଂଗ୍ରାମ କେଶରୀ ନାୟକ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

# ଏସ୍‌ଏଚ୍‌ଜି ସମ୍ପାଦିକାଙ୍କ ସିଙ୍ଗାପୁର ଗସ୍ତ ନେଇ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୩୧।୫(ଡି.ଏନ୍.ଏ.)



ସିଙ୍ଗାପୁର ଯିବାକୁ ଥିବା ମହିଳାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଛନ୍ତି।

ଗଜପତି ଜିଲାସ୍ତରୀୟ ଫେଡେରେଶନର ସମ୍ପାଦିକା କାଞ୍ଚନ କୁମାରୀ ନାୟକଙ୍କ ସିଙ୍ଗାପୁର ଗସ୍ତ ପାଇଁ ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶାର କେବଳ ୧୦ଟି ଜିଲାରୁ ଜଣେ ଲେଖାଏ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି ସିଙ୍ଗାପୁର ଯିବାଲାଗି ଚୟନ ହୋଇଥିବା ବେଳେ ଗଜପତି ଜିଲାର ଦୁର୍ଗମ ଅଞ୍ଚଳର ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ସୁବଲଡ଼ା ଗ୍ରାମ, ରା.ଉଦୟଗିରି ବ୍ଲକର ଆଦିବାସୀ ମହିଳା ସୁଦୂର ସିଙ୍ଗାପୁର ଯିବା ଲାଗି ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଯେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ କିଭଳି ଅନ୍ତର୍ଜାତୀୟ ବଜାରରେ ବିକ୍ରି ହୋଇପାରିବ। ଆସନ୍ତା ଜୁନ ୩ ତାରିଖରେ ଭୁବନେଶ୍ୱରରୁ ସିଙ୍ଗାପୁର ଯିବାପାଇଁ ଆରମ୍ଭ ହେବାକୁ ଥିବା ବିମାନ ସେବାର ପ୍ରଥମ ଦିନରେ ୧୦ ଜିଲାରୁ ୧୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସିଙ୍ଗାପୁର ଯିବାପାଇଁ ସୁଯୋଗ ପାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରି, ଜିଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି ରଶ୍ମିରଞ୍ଜନ ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଏବଂ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟ ଯୋଗ ଦେଇଥିଲେ।

## ବୋଲେରୋ ଧକ୍କାରେ ଶିଶୁ ମୃତ

ଟିକାବାଲି/ଶଙ୍କରାଖୋଲ, ୩୧।୫

ଚକାପାଦ ବ୍ଲକ ଶଙ୍କରାଖୋଲ ନିକଟସ୍ଥ ଶ୍ରମୁଡିଠାରେ ଏକ ବୋଲେରୋ ଧକ୍କାରେ କଟିମାହା ପଞ୍ଚାୟତ ମୁଣିଗିଆ ଗ୍ରାମର ବିରାଟ ପ୍ରଧାନଙ୍କ ପୁଅ ରିତେଶ(୫)ଙ୍କ ମୃତ୍ୟୁ ଘଟିଛି। ରିତେଶ ମାମୁଁ ଘରକୁ ଏକୋଇଶିଆ ଭୋଜି ଖାଇବାକୁ ଆସିଥିଲେ। ବୁଧବାର ରାସ୍ତା ପାର ହୋଇ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ରିତେଶଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ଏବଂ ପୋଲିସ ଘଟଣାସ୍ଥଳକୁ ଯାଇ ସେମାନଙ୍କ ସହ ଆଲୋଚନା କରିଥିଲେ। ପରିବାର ଲୋକଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଏବଂ ପଞ୍ଚାୟତ ପକ୍ଷରୁ ୨୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏ ନେଇ ପୋଲିସ ଥାନାରେ ନଂ. ୧୦/୨୩ରେ ମାମଲା ରୁଜୁ ହୋଇଛି।

# ନିଜ ମନ୍ଦିରରେ ପହଞ୍ଚିଲେ ପଞ୍ଚଠାକୁରାଣୀ

ପୁରୁଷୋତ୍ତମପୁର,୩୧।୫(ଡି.ଏନ.ଏ.)

**ପୋଲିସର ନିଷ୍କ୍ରିୟତାରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ**



ବାଣ ଯାତ୍ରାରେ ମା ପଞ୍ଚ ଠାକୁରାଣୀ।

ଶେଷ ହୋଇଛି ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର ଐତିହାସିକ ଠାକୁରାଣୀ ଯାତ୍ରା। ମଙ୍ଗଳବାର ବିଳମ୍ବିତ ରାତ୍ରରେ ଭାବ ବିହ୍ୱଳହୋଇ ମା'ଙ୍କୁ ବିଦାୟ ଦେଇ ପୁଣି ଦୁଇବର୍ଷ ପରେ ମା ଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ସହରବାସୀ। ବାଦ୍ୟବାଜଣା ଓ ଆତସବାଜିର ବିରାଟ ପଟୁଆର ସହ ହଜାର ହଜାର ଭକ୍ତଙ୍କ ମେଳରେ ମା କନକା ତାଙ୍କର ପୁଅ କାଲୁଆ, ଝିଅ ତାରା ତାରିଣି, କାଳୀ ଓ ବୋହୁ ଫୁଲସୁନ୍ଦରୀଙ୍କୁ ସଙ୍ଗରେ ଧରି ସାହି ସାହି ବୁଲି ଭକ୍ତଙ୍କୁ ଦର୍ଶନ ଦେଇ ନିଜ ନିଜର ମୁଖ୍ୟ ମନ୍ଦିରକୁ ଫେରିଯାଇଛନ୍ତି। ରାତି ଆଠ ଟାରେ ବଡବଜାର ଅସ୍ଥାୟୀ ମନ୍ଦିର ଠାରୁ ମା ପଞ୍ଚ ଠାକୁରାଣୀଙ୍କ ଘଟ ବାହାରି ନରସିଂହ ଦାଶ ହାଇସ୍କୁଲ ପଡିଆରେ ପହଞ୍ଚି ଥିଲେ। ସେଠାରେ ମା ବିଜେ କରିବା ପରେ ବାଣଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ଲାଗି ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଏହି ବାଣଯାତ୍ରା ପରେ ମା ଙ୍କୁ ସମଗ୍ର ସହର ପରିକ୍ରମା କରାଯାଇଥିଲା। ଦାଣ୍ଡେ ଦାଣ୍ଡେ ମା ପଞ୍ଚ ଠାକୁରାଣୀ ଭକ୍ତଙ୍କୁ ଦର୍ଶନ ଦେଇ ଭୋଗଖାଇ ଭୋର ସକାଳ ଚାରିଟାରେ ନିଜ ନିଜର ମୁଖ୍ୟ ମନ୍ଦିରରେ ପହଞ୍ଚି ଥିଲେ। ମାତ୍ର ଏହି ଶୋଭାଯାତ୍ରାରେ ପୋଲିସର ଦେଖା ମିଳିନଥିଲା। ପୋଲିସର ନିଷ୍କ୍ରିୟତା ଯୋଗୁ କିଛି ସ୍ଥାନରେ ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ଲୋକେ ଅତିଷ୍ଠ ହୋଇପଡିଥିଲେ। ମା'ଙ୍କ ଦର୍ଶନରେ ଆସିଥିବା ମହିଳାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ବିଭିନ୍ନ ଦାବି ନେଇ ସିପିଆଇ(ଏମ୍)ର ବିକ୍ଷୋଭ




ସିପିଆଇ (ଏମ୍) ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଆର.ଉଦୟଗିରି,୩୧।୫(ଡି.ଏନ.ଏ.)– ଆର.ଉଦୟଗିରି–ମୋହନା ବ୍ଲକ ସିପିଆଇ (ଏମ୍) ଆଞ୍ଚଳିକ କମିଟି ତରଫରୁ ବିଭିନ୍ନ ସମସ୍ୟାର ସମାଧାନ ନେଇ ତହସିଲ ଓ ବ୍ଲକ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ହାଟପଦାଠାରୁ ବିଶ୍ୱାଳ ରାଲିରେ ବାହାରି ସହର ବିଭିନ୍ନ ସ୍ଲୋଗାନ ଦେଇ ପରିକ୍ରମା କରିବା ପରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଓଡିଶା ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଓ ଓଡିଶା ଆଦିବାସୀ ମଞ୍ଚର ଉପଦେଷ୍ଟା ଜଗନ୍ନାଥ ମିଶ୍ର ନିଜ ନିଜର ତହସିଲ ଓ ବ୍ଲକ ସମସ୍ୟାକୁ ନେଇ କହିଥିଲେ। ସ୍ଥାନୀୟ ତହସିଲଦାର ସରକାରୀ କାର୍ଯ୍ୟରେ ପାଖ ଗ୍ରାମକୁ ଯାଇଥିଲେ। ସେ ଆସିଲା ପରେ ପାର୍ଟିର ଜିଲା ସମ୍ପାଦକ ଦଣ୍ଡପାଣି ରଇତ ତାଙ୍କ ସହକର୍ମୀ ଧରିଯାଇ ତହସିଲଦାରଙ୍କୁ ୫ ଦଫା ଦାବିପତ୍ର ଦେବାସହ ଆଲୋଚନା କରିଥିଲେ। ଏହାପରେ ବ୍ଲକ ଅଫିସକୁ ଯାଇ ବିଡିଓ ଲରିମନ ଖର୍ସେଲଙ୍କୁ ଅଞ୍ଚଳର ବିଭିନ୍ନ ୧୬ଟି ସମସ୍ୟା ନେଇ ଦାବିପତ୍ର ପ୍ରଦାନ ସହ ସମସ୍ୟା ନେଇ ଜିଲା ସମ୍ପାଦକ ବିଡିଓଙ୍କ ସହ ଆଲୋଚନା କରିଥିଲେ। ଦାବି ଗୁଡିକ ଶୀଘ୍ର ସମାଧାନ କରାଯିବ ବୋଲି ତହସିଲଦାର ଓ ବିଡିଓ କହିଥିଲେ। ଏଥିରେ ଜିଲା ସମ୍ପାଦକ ଦଣ୍ଡପାଣି ରଇତ, ଆଞ୍ଚଳିକ ସମ୍ପାଦକ ଗୋକୁଳ ଦଳବେହେରା, ସୁନାମ ମଣ୍ଡଳ, ମାନସ ଜେନା, ଅନାମ ମଣ୍ଡଳ ଓ ସତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

